# ପୂଜା ଅର୍ଥ ଲାଗିବ ପରୋପକାରରେ

**ଅନୁଗୋଳ ଅଫିସ୍‌, ୧୯।୮**



- ଏଥର ମଣ୍ଡପରେ ବିରାଜିବେନି ଗଜାନନ
- ସହରରେ ହେବନି ସାଂସ୍କୃତିକ କାର୍ଯ୍ୟକ୍ରମ
- ଆଦାୟ ଅର୍ଥର ଅଧା ଯିବ ସହାୟତା ପାଣ୍ଠିକୁ

ଗଣେଶ ପୂଜାରୁ ଆରମ୍ଭ ହେଉଥିବା ପୂଜାରବ୍ଧୁ ଚଳିତବର୍ଷ ଫିକା ପଡ଼ିବ। କରୋନା କଟକଣା ପାଇଁ ଆସନ୍ତା ୨୨ ତାରିଖରେ ହେବାକୁ ଥିବା ବିଘ୍ନରାଜ ଗଜାନନଙ୍କ ପୂଜା ଅନୁଗୋଳରେ ପୂର୍ବପରି ଧୁମ୍‌ଧାମରେ ହେବ ନାହିଁ। ପ୍ରଶାସନ ଏ ନେଇ ନିର୍ଦ୍ଦେଶନାମା ଜାରି କରିସାରିଥିବାରୁ ସହରରେ ସାଜସଜ୍ଜା କରାଯାଇ ନାହିଁ। ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଜାକଜମକ ଭସାଣି ମଧ୍ୟ ଦେଖିବାକୁ ମିଳିବ ନାହିଁ। ତେବେ ପ୍ରତିବର୍ଷ ଏ ବାବଦରେ ଖର୍ଚ୍ଚ ହେଉଥିବା ଲକ୍ଷ ଲକ୍ଷ ଟଙ୍କାକୁ ଏଥର ପୂଜା କମିଟିଗୁଡ଼ିକ ପରୋପକାରରେ ଲଗାଇବେ। ଆଦାୟ ଅର୍ଥ ମଧ୍ୟରୁ କିଛି ସେମାନେ କୋଭିଡ୍‌ ଓ ଅନ୍ୟ ବିପତ୍ତିର ଶିକାର ହୋଇଥିବା ଅସହାୟ ଲୋକଙ୍କ ପାଇଁ ବ୍ୟୟ କରିବେ।

ଅନୁଗୋଳ ସହରର ୩୦ରୁ ଅଧିକ ମଣ୍ଡପରେ ଗଣେଶପୂଜା କରାଯାଏ। ଏଥିପାଇଁ ମାସ ମାସ ପୂର୍ବରୁ ପ୍ରସ୍ତୁତି ବୈଠକ ବସି କାର୍ଯ୍ୟସୂଚୀ ସ୍ଥିର କରାଯାଏ। ବଜାରକୁ ରଙ୍ଗୀନ ଆଲୋକମାଳାରେ ସାଜସଜ୍ଜା କରାଯିବା ସହ ସପ୍ତାହେ ଧରି ଏହି ପୂଜା ବିଭିନ୍ନ ଅନୁଷ୍ଠାନରେ ଅନୁଷ୍ଠିତ ହୁଏ। ପ୍ରତି ସନ୍ଧ୍ୟାରେ ଭିନ୍ନ ଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଏ। ବିଶେଷକରି ମେଲୋଡି, ରେକର୍ଡ ଡ୍ୟାନ୍ସ ଓ ଓଲିଉଡ୍‌ ନାଇଟ୍‌ ବି କେତୋଟି ଜାଗାରେ ହୋଇଥାଏ। ପୂଜା ଶେଷଦିନ ଭସାଣିରେ ସବୁଠାରୁ ବେଶି ଅର୍ଥ ଖର୍ଚ୍ଚ କରାଯାଏ। ଗୋଟିଏ ଗୋଟିଏ ମଣ୍ଡପ କର୍ମକର୍ତ୍ତାମାନେ ଏଥିପାଇଁ ୫ ଲକ୍ଷ ଟଙ୍କାରୁ ମଧ୍ୟ ଅଧିକ ଖର୍ଚ୍ଚ କରିଥାନ୍ତି। କିନ୍ତୁ ମହାମାରୀ କରୋନା ପାଇଁ ଚଳିତବର୍ଷ ସହରରେ ପୂଜା ଆୟୋଜନ ଦେଖିବାକୁ ମିଳିନାହିଁ। ପ୍ରଶାସନ ପକ୍ଷରୁ ପୂଜା ପାର୍ବଣ ଉପରେ କଟକଣା ଲଗାଯାଇଥିବାରୁ କୌଣସି ମଣ୍ଡପରେ କର୍ମକର୍ତ୍ତାମାନେ ଗଜାନନଙ୍କ ପୂଜା କରିପାରିବେ ନାହିଁ। ବୁଧବାର ଜାରି କରାଯାଇଥିବା ଜିଲା ପ୍ରଶାସନର ଏହି ସ୍ପଷ୍ଟ ନିର୍ଦ୍ଦେଶନାମାକୁ ପୂଜା କମିଟିଗୁଡ଼ିକ ସ୍ୱାଗତ କରିଛନ୍ତି। ସେମାନେ ନିରାଡ଼ମ୍ବର ଭାବେ ମେଢ଼ ନ କରି କେବଳ କ୍ଲବ ଘରେ ମୂର୍ତ୍ତି ପୂଜା କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ଏ ବାବଦରେ ଖର୍ଚ୍ଚ ପାଇଁ ରଖାଯାଇଥିବା ଲକ୍ଷାଧିକ ଟଙ୍କା ମଧ୍ୟରୁ କିଛି ଅର୍ଥ ବିଭିନ୍ନ ସମୟରେ ହେଉଥିବା ପ୍ରାକୃତିକ ଦୁର୍ବିପାକ ଓ ଅସହାୟମାନଙ୍କୁ ସହାୟତା ବାବଦରେ ପ୍ରଦାନ କରାଯିବ ବୋଲି କମିଟିଗୁଡ଼ିକ ପକ୍ଷରୁ ନିଷ୍ପତ୍ତି କରାଯାଇଛି। ସେହିପରି ସମସ୍ତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଚଳିତବର୍ଷ ସ୍ଥଗିତ କରାଯାଇଥିବା ବେଳେ ଲୋକଙ୍କୁ ପ୍ରଦାନ କରାଯାଉଥିବା ଅନ୍ନପ୍ରସାଦ ସେବାକୁ ମଧ୍ୟ କେତୋଟି କ୍ଲବ ପକ୍ଷରୁ ବାତିଲ୍‌ କରାଯାଇଛି।

### ମଣ୍ଡପରେ ପୂଜା ବନ୍ଦ



ଅନୁଗୋଳ ଜିଲାର କୌଣସି ମଣ୍ଡପରେ ଚଳିତ ବର୍ଷ ବିଘ୍ନରାଜ ଗଣେଶଙ୍କ ପୂଜାକୁ ଜିଲା ପ୍ରଶାସନ ପକ୍ଷରୁ ଅନୁମତି ଦିଆଯିବ ନାହିଁ। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଜନସାଧାରଣଙ୍କ ଜୀବନର ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଇ ଏହି ପଦକ୍ଷେପ ନିଆଯାଇଛି। ୪ରୁ ୫ ଜଣ ସଦସ୍ୟଙ୍କୁ ନେଇ କୋଭିଡ୍‌-୧୯ ନିର୍ଦ୍ଦେଶନାମା ଅନୁପାଳନ ଆଧାରରେ ଘରେ ପୂଜା କରାଯାଇପାରିବ। ଅବମାନନା ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

– ମନୋଜ କୁମାର ମହାନ୍ତି, ଜିଲାପାଳ

### ଛୋଟ ମୂର୍ତ୍ତି ପୂଜା କରିବୁ



ଏହି ପୂଜାରେ କ୍ଲବର ସଦସ୍ୟମାନେ ପାଖାପାଖି ୪ ଲକ୍ଷ ଟଙ୍କା ଖର୍ଚ୍ଚ କରିଥାନ୍ତି। ସାଂସ୍କୃତିକ ସନ୍ଧ୍ୟାରେ ୫୦ରୁ ୫୫ ହଜାର ଟଙ୍କା ଖର୍ଚ୍ଚ କରାଯାଏ। ସାଜସଜ୍ଜା, ମୂର୍ତ୍ତି ଓ ଅନ୍ନପ୍ରସାଦରେ ଅବଶିଷ୍ଟ ଖର୍ଚ୍ଚ ହୁଏ। କିନ୍ତୁ ଚଳିତ ବର୍ଷ ଛୋଟ ମୂର୍ତ୍ତି ଆଣି କ୍ଲବ ଘରେ ପୂଜା କରାଯିବ।

–କ୍ଷୀରୋଦ ପ୍ରଧାନ, ହୁଲୁରିସିଂହା ୟୁନାଇଟେଡ୍‌ କ୍ଲବ

### ପୂଜା ପରଦିନ ବିସର୍ଜନ



ପ୍ରତିବର୍ଷ ପୂଜାରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇଥାଏ। ଚଳିତବର୍ଷ ଉକ୍ତ ଅର୍ଥ ରଖାଯାଇ ବିଭିନ୍ନ ବିପତ୍ତି ସମୟରେ ଲୋକମାନଙ୍କୁ ସହାୟତା ଆକାରରେ ପ୍ରଦାନ କରାଯିବ। ଛୋଟ ମୂର୍ତ୍ତି ଆଣି କ୍ଲବରେ ପୂଜା କରାଯିବା ସହ ପରଦିନ ବିସର୍ଜନ କରାଯିବ।

–ରଶ୍ମିରଞ୍ଜନ ସାମଲ, ପ୍ରିନ୍ସ ଆଣ୍ଡ ପ୍ରିନ୍ସ କ୍ଲବ

### ନିରାଡ଼ମ୍ବରରେ ସମ୍ପନ୍ନ ହେବ



ପୂଜା ଅବସରରେ କ୍ଲବ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସମାଜର ମଙ୍ଗଳ ଉଦ୍ଦେଶ୍ୟରେ କିଛି କାର୍ଯ୍ୟ କରାଯାଇଥାଏ। କିନ୍ତୁ ଚଳିତବର୍ଷ ଏସବୁ ସ୍ଥଗିତ କରାଯାଇଛି। କେବଳ କିଛି ସଦସ୍ୟଙ୍କୁ ନେଇ କ୍ଲବରେ ନିରାଡମ୍ବରରେ ପୂଜା କରାଯିବ।

–ଅଶ୍ୱିନୀ ରାଉତରାୟ, ଗଣପତ କ୍ଲବ

### ଆଦାୟ ଅର୍ଥ ସହାୟତାରେ ଲଗାଯିବ



ସାଢ଼େ ୪ ଲକ୍ଷ ଟଙ୍କା ପୂଜାରେ ଖର୍ଚ୍ଚ ହୋଇଥାଏ। ଏବର୍ଷ ସଦସ୍ୟମାନଙ୍କ ପାଖରୁ ସେମିତି କିଛି ଆଦାୟ କରାଯାଇନାହିଁ। ଯାହା କିଛି ମିଳିଛି ସେଥିରୁ ଅଳ୍ପ ଖର୍ଚ୍ଚ କରାଯାଇ ବଳକା ଅସହାୟମାନଙ୍କ ସାହାଯ୍ୟରେ ଲଗାଯିବ।

–ଅନୁପ କୁମାର ସାମଲ, ମହିମା ନେହେରୁ ପୂଜା କମିଟି

# ପ୍ଲାଜ୍‌ମା ଦାନକଲେ ୫ଜଣ

**ଢେଙ୍କାନାଳ ଅଫିସ, ୧୯।୮**

କରୋନା ମୁକ୍ତ ହେବା ପରେ ଢେଙ୍କାନାଳର ୫ ଜଣ ବ୍ୟକ୍ତି ସ୍ୱେଚ୍ଛାକୃତ ଭାବେ କଟକ ଏସ୍‌ସିବି ହସ୍ପିଟାଲରେ ପ୍ଲାଜ୍‌ମା ଦାନ କରିଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ଓଡାପଡା ବ୍ଲକ ନିମିଧାର ମିଟୁ ସିଂ, ଅସରଡାର ରୁଦ୍ର ପ୍ରସନ୍ନ ସାହୁ, ବିଡୋର ସୁବ୍ରତ ସାହୁ, ହିନ୍ଦୋଳ ଏନ୍‌ଏସି ଅମଲାପଡାର ସାଫିକ ଖାଁ ଏବଂ ଧୋବଣିନାନ୍ଦର ଗ୍ରାମର ନରୋତ୍ତମ ପରିଡ଼ା। ତେବେ ବୈଷୟିକ ସମସ୍ୟା ଯୋଗୁ ଓଡାପଡା ବ୍ଲକ ଘଟିପିରିର ବିଚିତ୍ରାନନ୍ଦ ବେହେରା ପ୍ଲାଜମା ଦାନ କରିପାରି ନ ଥିବା ଜଣାପଡ଼ିଛି। ସମ୍ପୃକ୍ତ ୫ ପ୍ଲାଜମା ଦାତାଙ୍କୁ ବୁଧବାର ଅପରାହ୍ନରେ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ଅତିରିକ୍ତ ଜିଲାପାଳ ସୌଦାମିନୀ ସେଠୀ, ପିଡି ଡିଆରଡିଏ ନରୋତ୍ତମ ବେହେରା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଜାତାରାଣୀ ମିଶ୍ର, ଆପାତ୍‌କାଳୀନ ଅଧିକାରୀ ଶଶାଙ୍କ ଶେଖର ମିଶ୍ର, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରଞ୍ଜନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।




ପ୍ଲାଜ୍‌ମାଦାତାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।



ଅନୁଗୋଳରେ ବୁଧବାର ପ୍ରବଳ ବର୍ଷା ବେଳେ ଏକ ବାଇକ୍‌ରେ ଓଦା ହୋଇ ୩ଜଣ ଯାଉଛନ୍ତି।

# ବନ୍ୟା ବଢ଼ାଇଲା ଦୁର୍ଦ୍ଦଶା

**ଭୁବନ, ୧୯।୮(ଡି.ଏନ.ଏ.)**

**ଭୁବନ ବ୍ଲକ**
- ୧୬୭୭ ହେକ୍ଟର ଜଳମଗ୍ନ
- ବୁଡ଼ି ରହିଛି ପରିବା, ଧାନ ଫସଲ
- ଚାଷୀ ମୁଣ୍ଡରେ ଚଡ଼କ



କରୋନା ସଙ୍କଟ ଭିତରେ ଚାଷୀକୂଳକୁ ଦାଉ ସାଜିଛି ବନ୍ୟା। ଆର୍ଥିକ ଅନଟନ ଭିତରେ ବଳଜୁଟାଇ କରିଥିବା ଚାଷକୁ ଧୋଇନେଇଛି ବଢ଼ି। ଜଳମଗ୍ନ ହୋଇପଡ଼ିଛି ଫସଲ। ବାଲିଚର ହୋଇଯାଇଛି ଜମି। କ୍ଷୟକ୍ଷତି ସୀମା ଟପିଥିବାବେଳେ ବନ୍ୟାପାଣିରେ ବୁଡ଼ି ରହିଥିବା ଫସଲକୁ ଦେଖି ମୁଣ୍ଡରେ ହାତ ଦେଇ ବସିଛନ୍ତି ଭୁବନ ଅଞ୍ଚଳର ଚାଷୀ।

ଲଘୁଚାପ ଜନିତ ଲଗାଣ ବର୍ଷା ପରେ ବ୍ରାହ୍ମଣୀ, ରାମିଆଳ, ପାଣ୍ଡରା ନଦୀରେ ଆସିଥିବା ବନ୍ୟାରେ ପ୍ରଭାବିତ ହୋଇଛି ଢେଙ୍କାନାଳ ଜିଲାର ଗଁଦିଆ, କାମାକ୍ଷାନଗର, ପରଜଙ୍ଗ ଏବଂ ଭୁବନ ବ୍ଲକ। ମହାମାରୀ କରୋନା ଯୋଗୁ ଜାରି ହୋଇଥିବା କଟକଣା ରୋଜଗାରର ବାଟ ବନ୍ଦ କରିଦେଇଥିବାବେଳେ ଚାଷ ମୁହାଁ ହୋଇଥିଲେ ଚାଷୀ ଏବଂ ପ୍ରବାସୀ ଶ୍ରମିକ। ଭୁବନ ବ୍ଲକର ୧୮ ପଞ୍ଚାୟତର ଚାଷୀ ଏବଂ ପ୍ରବାସୀ ଶ୍ରମିକ ଖରିଫ୍‌ ଧାନ ଏବଂ ପରିବା ଚାଷ ପାଇଁ ପ୍ରସ୍ତୁତ କରିଥିଲେ ଯୋଜନା। ହେଲେ ଲଘୁଚାପରେ ସୃଷ୍ଟି ହୋଇଥିବା ବନ୍ୟା ସବୁ ଯୋଜନାକୁ ପଣ୍ଡ କରିଦେଇଛି। ଫସଲ ଉଜୁଡ଼ିଯିବା ପରେ ଚିନ୍ତାରେ ପଡ଼ିଛନ୍ତି ସେମାନେ। କୃଷି ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ବନ୍ୟାରେ ବ୍ଲକରେ ୧୬୭୭ ହେକ୍ଟର ଜମିର ଫସଲ ନଷ୍ଟ ହୋଇଛି। ସେଥିରୁ ମଠକରଗୋଳା ପଞ୍ଚାୟତର ୭୦ ହେକ୍ଟର, ଅରଖପାଳ ପଞ୍ଚାୟତର ୮୫ ହେକ୍ଟର, ଦୟଣାବିଲ ପଞ୍ଚାୟତର ୧୧୯ ହେକ୍ଟର, ଯମୁନାକୋଟ ପଞ୍ଚାୟତର ୧୧୫ ହେକ୍ଟର, ସୁରପ୍ରତାପପୁର ପଞ୍ଚାୟତର ୧୨୦ ହେକ୍ଟର, ଜିରାଳ ପଞ୍ଚାୟତର ୭୦ ହେକ୍ଟର, ବାରୁଆ (ଖ) ପଞ୍ଚାୟତର ୯୦ ହେକ୍ଟର, ଓଡ଼ିଶ ପଞ୍ଚାୟତର ୬୦ ହେକ୍ଟର, ଦୀଘି ପଞ୍ଚାୟତର ୮୩ ହେକ୍ଟର, ମାର୍ଥାପୁର ପଞ୍ଚାୟତର ୨୬୦ ହେକ୍ଟର, କୁନିନ୍ଦା ପଞ୍ଚାୟତର ୭୧ ହେକ୍ଟର, ଗଡ଼ନୃସିଂହପ୍ରସାଦ ପଞ୍ଚାୟତର ୪୪ ହେକ୍ଟର, ଧଳପଡ଼ା ପଞ୍ଚାୟତର ୪୧ ହେକ୍ଟର, ବାଲିବୋ ପଞ୍ଚାୟତର ୪୦ ହେକ୍ଟର, ଏକତାଳି ପଞ୍ଚାୟତର ୧୧୧ ହେକ୍ଟର, ମୃଦଙ୍ଗା ପଞ୍ଚାୟତର ୫୨ ହେକ୍ଟର, ମହୁଲପାଳ ପଞ୍ଚାୟତର ୭୯ ହେକ୍ଟର, ଭୂଷଳ ପଞ୍ଚାୟତର ୨୦୪ ହେକ୍ଟର ରହିଛି। ଜମିରେ ବନ୍ୟାପାଣି ମାଡ଼ିଯିବା ପରେ ଧାନତଳି ନଷ୍ଟ ହୋଇଯାଇଛି। ଜମି ଜଳମଗ୍ନ ହୋଇପଡ଼ିଥିବାରୁ ଯେଉଁ କେତେକ ସ୍ଥାନରେ ତଳି ବଞ୍ଚିଛି, ସେସବୁ ପଚିଯିବା ଆଶଙ୍କା ସୃଷ୍ଟି ହୋଇଛି। ଅନେକ ସ୍ଥାନରେ ରୁଆ ଯାଇଥିବା ଧାନଗଛ ପାଣି ସ୍ରୋତରେ ଭାସିଯାଇଛି। ଆଗକୁ ଆହୁରି ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ଆକଳନ କରିଥିବାବେଳେ ଚାଷୀଙ୍କ ଚିନ୍ତା ବଢ଼ିଛି। ଅନ୍ୟପଟେ ବ୍ୟାଙ୍କ, ସମବାୟ ସମିତିରୁ ଋଣ କରି ଚାଷ କରିଥିବା ଚାଷୀ ଏବେ ଋଣ ପରିଶୋଧ ଚିନ୍ତାରେ ଅଛନ୍ତି। ତୁରନ୍ତ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ, ବିହନ ସହ ଆନୁଷଙ୍ଗିକ ସହାୟତା ଯୋଗାଇ ଦେବାକୁ ଚାଷୀମାନେ ଦାବି କରିଛନ୍ତି।

ଏ ସଂକ୍ରାନ୍ତରେ ବ୍ଲକ କୃଷି ଅଧିକାରୀ ଦିଲୀପ କୁମାର ମିଶ୍ର କୁହନ୍ତି, ବନ୍ୟା କ୍ଷୟକ୍ଷତି ଆକଳନ କରାଯାଇଛି। ପ୍ରାଥମିକ ଭାବେ ଆକଳନ କରାଯାଇ ସରକାରଙ୍କୁ ରିପୋର୍ଟ ଦିଆଯାଇଛି। ଗତବର୍ଷ କ୍ଷତିଗ୍ରସ୍ତ ଚାଷୀଙ୍କୁ ହେକ୍ଟର ପିଛା ୨୦୦୦ ଟଙ୍କା ଲେଖାଏ ସହାୟତା ପ୍ରଦାନ କରାଯାଇଥିଲା। ଚଳିତବର୍ଷ ସରକାରୀସ୍ତରରେ ଯାହା ମଞ୍ଜୁର ହେବ, ତଦନୁଯାୟୀ ସହାୟତା ଯୋଗାଇ ଦିଆଯିବ ବୋଲି ସେ ସୂଚନା ଦେଇଛନ୍ତି।

### କରୋନାକୁ ବଳିଗଲା କଷ୍ଟ



କରୋନା ପାଇଁ ରୋଜଗାରର ସବୁବାଟ ବନ୍ଦ ହୋଇଯାଇଛି। ଚାଷକୁ ମାଧ୍ୟମ କରି ଚାଷୀମାନେ ବର୍ଷକର ଖାଇବା ଯୋଗାଡ଼ କରିବାକୁ ଉଦ୍ୟମ କରୁଥିଲେ। ବନ୍ୟାରେ ସେତକ ବି ଚାଲିଗଲା। କରୋନାକୁ ବନ୍ୟା କଷ୍ଟ ବଳିଯାଇଛି।

–ଦାମୋଦର ସାହୁ, ଚାଷୀ ମହୁଲପାଳ

### ସହାୟତା ଦିଅନ୍ତୁ ସରକାର



ବନ୍ୟା ପାଣିରେ ଚାଷଜମି କ୍ଷତିଗ୍ରସ୍ତ ହୋଇଛି। କ୍ଷୁଦ୍ରଚାଷୀମାନେ ସର୍ବସ୍ୱ ହରାଇଛନ୍ତି। ଧାନ ଫସଲ, ପରିବା ଚାଷ ସବୁକିଛି ନଷ୍ଟ ହୋଇଯାଇଛି। ସରକାରୀସ୍ତରରେ ତୁରନ୍ତ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ଦିଆଗଲେ ଦୁଃଖ ଲାଘବ ହେବ।

–ଭଗବାନ ବସନ୍ତିଆ, ମହୁଲପାଳ କୃଷି କମିଟି ସଭାପତି

### ୬୦ ପ୍ରତିଶତ ତଳି ଭାସିଯାଇଛି



ବନ୍ୟାରେ ଧଳପଡା ପଞ୍ଚାୟତରେ ବ୍ୟାପକ କ୍ଷତି ହୋଇଛି। ୬୦% ଧାନ ତଳି ଭାସିଯାଇଛି। ଧାନଗଛ ପାଣିରେ ବୁଡ଼ି ରହି ନଷ୍ଟ ହେବାକୁ ବସିଲାଣି। ପ୍ରଶାସନିକ ଅଧିକାରୀ ଏବଂ ସରକାର ଏଥିପ୍ରତି ଗୁରୁତ୍ୱ ନ ଦେଲେ ଚାଷୀକୁଳ ଦୁର୍ଦ୍ଦଶା ଭୋଗିବେ।

–ରମେଶ ଚନ୍ଦ୍ର ସାହୁ, ଚାଷୀ, ଧଳପଡ଼ା

## ସଂକ୍ଷେପରେ

### ୨୫ ଆକ୍ରାନ୍ତ, ୧୫ ସୁସ୍ଥ

**ଢେଙ୍କାନାଳ ଅଫିସ, ୧୯।୮:** ଢେଙ୍କାନାଳ ଜିଲାରେ ବୁଧବାର ୨୫ କରୋନା ପଜିଟିଭ୍‌ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ମୋଟ୍‌ ପଜିଟିଭ୍‌ ସଂଖ୍ୟା ୯୮୪ ହୋଇଛି। ସେହିପରି ୧୫ଜଣ ସୁସ୍ଥ ହୋଇ ଫେରିବା ପରେ ଆରୋଗ୍ୟଙ୍କ ସଂଖ୍ୟା ୬୫୦ରେ ପହଞ୍ଚିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଭୁବନ ଏନ୍‌ଏସିରୁ ୧୩, ମଠକରଗୋଳା, ଆଦିପୁରା, ସଦର ବ୍ଲକ ବେଗୁନିଆପାଳ, ବାରଦା, ମଧୁସାହୁପାଟଣା, ଟଭାପାଳ, ଢେଙ୍କାନାଳ ପୌରାଞ୍ଚଳର ଦେଉଳସାହି, କାଳୀସାହି, ଗଁଦିଆ ବ୍ଲକ ଆମ୍ବବାହାଳିରୁ ଜଣେ ଲେଖାଏ, ହିନ୍ଦୋଳ ବ୍ଲକ ରଘୁନାଥପୁରରୁ ୨, ଏନ୍‌ଏସିରୁ ଜଣେ ଅଛନ୍ତି। ସମସ୍ତଙ୍କୁ ଜିଲା କୋଭିଡ୍‌ ହସ୍ପିଟାଲ ଓ ଗୋବିନ୍ଦପୁର କୋଭିଡ୍‌ କେୟାର ସେଣ୍ଟରରେ ଭର୍ତ୍ତି କରାଯାଇଛି। ଗୋଷ୍ଠୀ ସଂକ୍ରମଣ ଆଶଙ୍କା ଏଡ଼ାଇବାକୁ ଆକ୍ରାନ୍ତଙ୍କ ଘର, ସଂଲଗ୍ନ ଅଞ୍ଚଳକୁ ବିଶୋଧନ କରାଯାଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ପୁଣି ୨୨ ପଜିଟିଭ୍‌

**ଅନୁଗୋଳ ଅଫିସ୍‌, ୧୯।୮:** ଅନୁଗୋଳ ଜିଲାରୁ ବୁଧବାର ୨୨ ଜଣ କରୋନା ପଜିଟିଭ୍‌ ଚିହ୍ନଟ ହୋଇଛନ୍ତି। ଜିଲାରେ ମୋଟ ପଜିଟିଭ୍‌ଙ୍କ ସଂଖ୍ୟା ୫୭୦ରେ ପହଞ୍ଚିଥିବା ଜିଲାପାଳ ମନୋଜ କୁମାର ମହାନ୍ତି ସୂଚନା ଦେଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ କଣିହାଁ ବ୍ଲକରୁ ୧୧ ଜଣ, ଅନୁଗୋଳ ପୌରାଞ୍ଚଳରୁ ୫, ବଅଁରପାଳ ବ୍ଲକରୁ ୩, ପାଲଲହଡ଼ା ବ୍ଲକରୁ ୨ ଓ ଛେଣ୍ଡିପଦା ବ୍ଲକରୁ ଜଣେ ରହିଛନ୍ତି। ସଂକ୍ରମିତଙ୍କ ଚିକିତ୍ସା ପାଇଁ ପଦକ୍ଷେପ ନିଆଯାଇଥିବା ଜିଲାପାଳ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ କୋଭିଡ୍‌ ହସ୍ପିଟାଲରୁ ସୁସ୍ଥ ହୋଇଥିବା ୬ ଜଣଙ୍କୁ ଘରେ ଆଇସୋଲେଶନ୍‌ରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲାରେ ସୁସ୍ଥଙ୍କ ସଂଖ୍ୟା ୩୯୨ରେ ପହଞ୍ଚିଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

### ଛଟେଇ ପ୍ରତିବାଦରେ ଧାରଣା

**ଅନୁଗୋଳ ଅଫିସ୍‌, ୧୯।୮:** ତାଳଚେର ଷ୍ଟେଶନରୁ ଛଟେଇ ହୋଇଥିବା ୫ ଜଣ ଠିକା କର୍ମଚାରୀ ପୁନଃ ନିଯୁକ୍ତି ଦାବିରେ ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଧାରଣାରେ ବସିଥିଲେ। ଅଭିଯୋଗ ମୁତାବକ, ୨୦୦୭ରୁ ତାଳଚେର ରେଲୱେ ଷ୍ଟେଶନରେ ଟେକ୍ନିକାଲ କାମ କରି ଆସୁଥିଲେ ହେଁ ସମ୍ପୃକ୍ତ କର୍ମଚାରୀଙ୍କୁ ଗତ ମେ ୧୫ ତାରିଖରେ ଛଟେଇ କରାଯାଇଥିଲା। ପ୍ରତିବାଦରେ ଗତ ଜୁନ ୧୬ରେ ସେମାନେ ଅନଶନରେ ବସିଥିଲେ। ଜିଲା ପ୍ରଶାସନ ଆଲୋଚନା କରି ପୁନଃ ନିଯୁକ୍ତି ଦେବାକୁ ପ୍ରତିଶ୍ରୁତି ଦେଇଥିଲେ ହେଁ ତାହା ପୂରଣ ହୋଇନି। ନିଯୁକ୍ତି ନ ମିଳିବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଶ୍ରବଣ କୁମାର ସାହୁ, ତାପସ କୁମାର ରଥ, ପ୍ରଶାନ୍ତ କୁମାର ରଥ, ପ୍ରମୋଦ କୁମାର ବେହେରା ଓ ଅଗନି ବେହେରା ଚେତାବନୀ ଦେଇଛନ୍ତି।

### କଣିହାଁ ୪୮ ଘଣ୍ଟା ଶଟ୍‌ଡାଉନ

**କଣିହାଁ, ୧୯।୮(ଡି.ଏନ.ଏ.):** କଣିହାଁ ବ୍ଲକ ମହକୁମା କଣିହାଁ ପଞ୍ଚାୟତରୁ ମଙ୍ଗଳବାର ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ସରପଞ୍ଚ ସୁଲୋଚନା ପ୍ରଧାନ କଣିହାଁ ବଜାର ଓ ଗାଁକୁ ଶଟ୍‌ଡାଉନ ଘୋଷଣା କରିଛନ୍ତି। ବୁଧବାର ସକାଳ ୬ଟାରୁ ଗୁରୁବାର ସନ୍ଧ୍ୟା ୬ଟା ଯାଏ କଟକଣା ଜାରି ରହିବ ବୋଲି କୁହାଯାଇଛି।

### ହିନ୍ଦୋଳରେ କୋଭିଡ୍‌ କେୟାର ସେଣ୍ଟର ଲୋକାର୍ପିତ

**ଢେଙ୍କାନାଳ ଅଫିସ, ୧୯।୮:** ଢେଙ୍କାନାଳ ଜିଲା ହିନ୍ଦୋଳର ଆଦର୍ଶ ବିଦ୍ୟାଳୟ ପରିସରରେ ବୁଧବାର କୋଭିଡ୍‌ କେୟାର ସେଣ୍ଟର ଉଦ୍‌ଘାଟିତ ହୋଇଯାଇଛି। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଏହାକୁ ଲୋକାର୍ପଣ କରିଥିଲେ। ୫୦ ଶଯ୍ୟା ବିଶିଷ୍ଟ ଏହି କୋଭିଡ୍‌ କେୟାର ସେଣ୍ଟର ୨ ଡାକ୍ତର, ନର୍ସ, ଏଏନ୍‌ଏମ୍‌ ଏବଂ ଅନ୍ୟ ଷ୍ଟାଫ୍‌ଙ୍କୁ ନେଇ କାର୍ଯ୍ୟକ୍ଷମ ହୋଇଛି। ସିଡିଏମ୍‌ଓ ଡା. ସୁଜାତାରାଣୀ ମିଶ୍ର, ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଜ୍ୟୋତିଷ ଚନ୍ଦ୍ର ମହାପାତ୍ର, ଜାତୀୟ ସ୍ୱାସ୍ଥ୍ୟ ମିଶନ ପରିଚାଳକ ସୋନାଲି ପ୍ରିୟଦର୍ଶିନୀ, ଉପଜିଲାପାଳ ଉଦୟ ମହାପାତ୍ର, ଉପଖଣ୍ଡ ଚିକିତ୍ସାଧିକାରୀ ଡା. ସୁଧାଂଶୁ ଶେଖର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ମାଡ଼ ମାରି ଜଣେ ଗିରଫ

**ଅନୁଗୋଳ ଅଫିସ୍‌, ୧୯।୮**

ଅନୁଗୋଳ ଥାନା କୁମଣ୍ଡ ଗ୍ରାମର ବିଜୁ ବେହେରା(୩୯)ଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ବିଜୁ ତାଙ୍କ ଦାଦା କାଛିଆ ବେହେରାଙ୍କୁ ମଙ୍ଗଳବାର ଗାଳିଗୁଲଜ କରିବା ସହ ମାଡ଼ ମାରିଥିବା ଥାନାରେ ଅଭିଯୋଗ ହୋଇଥିଲା। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

### ଉଦ୍ୟୋଗ ଘରୋଇକରଣକୁ ବିରୋଧ

**ଅନୁଗୋଳ ଅଫିସ୍‌, ୧୯।୮**

ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଘରୋଇକରଣ ବିରୋଧରେ ସିଆଇଟିୟୁ ଅନୁବନ୍ଧିତ ନାଲ୍‌କୋ ଇଣ୍ଡଷ୍ଟ୍ରିଆଲ ୱାର୍କର୍ସ ୟୁନିୟନ ପକ୍ଷରୁ ସିପିପି ଗେଟ୍‌ ସାମ୍ନାରେ ପ୍ରତିବାଦ କରାଯାଇଛି। ସିଆଇଟିୟୁ ଅନୁଗୋଳ ଜିଲା ସାଧାରଣ ସମ୍ପାଦକ ଉପେନ୍ଦ୍ର ଶର୍ମାଙ୍କ ନେତୃତ୍ୱରେ ନାଲ୍‌କୋ, ଏନ୍‌ଟିପିସି, କୋଇଲା, ରେଳ, ବିପିସିଏଲ୍‌, ସେଲ୍‌, ବିଏସ୍‌ଏନ୍‌ଏଲ୍‌ ଆଦିର ଘରୋଇକରଣ ନେଇ କେନ୍ଦ୍ର ସରକାର ଉଦ୍ୟମ କରୁଥିବା ଅଭିଯୋଗ କରି ଏହାକୁ ବିରୋଧ କରାଯାଇଛି। ୟୁନିୟନର ସାଧାରଣ ସମ୍ପାଦକ ସୀତାରାମ ପ୍ରଧାନ, ପ୍ରହ୍ଲାଦ ନାଏକ, ମଧୁସୂଦନ ନାଥ, ପୁଷ୍ପଲତା ପ୍ରଧାନ, ନିରଞ୍ଜନ ଦେହୁରୀ, ଅରୂପ ସାହୁ, ବିନୋଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ୧୧ ସଂକ୍ରମିତ ଚିହ୍ନଟ କଣ୍ଟେନ୍‌ମେଣ୍ଟ ଜୋନ୍‌ରେ ସୋଲପଟା ଗାଁ

**ରୂପ୍‌ସା, ୧୯।୮(ଡି.ଏନ.ଏ.):** ବାଲେଶ୍ୱର ଜିଲା ସଦର ବ୍ଲକ ଛାନୁଆ ପଞ୍ଚାୟତ ଅଧୀନ ସୋଲପଟା ଗ୍ରାମରେ ମଙ୍ଗଳବାର ୧୧ଜଣ ସଂକ୍ରମିତ ଚିହ୍ନଟ ହେବା ପରେ ପ୍ରଶାସନ ପକ୍ଷରୁ ୧୦ଦିନ ପାଇଁ କଣ୍ଟେନମେଣ୍ଟ ଜୋନ୍ ଭାବେ ଘୋଷଣା କରାଯାଇଛି। ଜିଲାପାଳଙ୍କ ଅଫିସ୍ ଅର୍ଡର (ନଂ. ୨୩୧୩/୧୮।୮।୨୦ରିଖ) ଅନୁଯାୟୀ ୧୮ ତାରିଖ ମଧ୍ୟରାତ୍ରରୁ ୨୮ ତାରିଖ ମଧ୍ୟରାତ୍ର ପର୍ଯ୍ୟନ୍ତ କଣ୍ଟେନମେଣ୍ଟ ଜୋନ ପାଇଁ ନିର୍ଦ୍ଦେଶନାମା ଜାରି ହୋଇଛି। ଫଳରେ ତହସିଲଦାର, ବିଡିଓ, ବସ୍ତା, ଥାନା ଆଇଆଇସି, ରୂପ୍‌ସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ଉପସ୍ଥିତିରେ ସୋଲପଟା ଗ୍ରାମର କାଳିଆ ଛକ, ପାଞ୍ଚଘରିଆ ଛକ, କାବୁଲି ବେହେରା ଛକ, ଚାରିଛକ, ନିମମୂଳ ଛକ ଓ ମହାଳିକସାହି ଛକ ଆଦି ପ୍ରବେଶ ଦ୍ୱାରକୁ ସିଲ୍ କରାଯାଇଛି। ବସ୍ତା ଥାନା ପକ୍ଷରୁ ପୋଲିସଫୋର୍ସ ମୁତୟନ କରାଯାଇଛି। ଅପରପକ୍ଷରେ ୧୧ ସଂକ୍ରମିତଙ୍କ ମଧ୍ୟରୁ ୭ଜଣଙ୍କୁ କୋଭିଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିବା ବେଳେ ୪ଜଣଙ୍କୁ ହୋମ୍ କ୍ୱାରାଣ୍ଟାଇନରେ ରଖାଯାଇଛି। ଗୁରୁବାର ଗ୍ରାମରେ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କ ସ୍ୱାବ ପରୀକ୍ଷା ପାଇଁ ବୁଧବାର ମେଡ଼ିକାଲ ଟିମ୍ ପକ୍ଷରୁ ସର୍ଭେ କରାଯାଇଛି।

### ୨ ଡମ୍ଫର ଜବତ

**କୁଆମରା,୧୯।୮(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ଅନ୍ତର୍ଗତ ସୋନ ନଦୀରୁ ବେଆଇନ ଭାବେ ବାଲି ଉଠାଣ ନେଇ ବୁଧବାର ୨ଟି ଡମ୍ଫର ଜବତ ହୋଇଛି। ତହସିଲଦାରଙ୍କ ନିର୍ଦ୍ଦେଶ କ୍ରମେ କୁଆମରା ରାଜସ୍ୱ ନିରୀକ୍ଷକ ଡମ୍ଫର ୨ଟିଠାରୁ ୨୦ହଜାର ଟଙ୍କା ଜରିମାନା ଆଦାୟ କରିଛନ୍ତି। ସେହିପରି ଅନ୍ୟ ଏକ ଟିପ୍ପ ବୋଝେଇ ଡମ୍ଫରକୁ ସ୍ଥାନୀୟ ଫାଣ୍ଡିରେ ଅଟକ ରଖାଯାଇଛି।

### ବିବାହିତାଙ୍କୁ ଅବିବାହିତ ଭତ୍ତା

**ବାଲେଶ୍ୱର ଅଫିସ, ୧୯।୮:** ବାଲେଶ୍ୱର ଜିଲା ସଦର ବ୍ଲକ ଅନ୍ତର୍ଗତ ଗୁଡୁ ପଞ୍ଚାୟତର ଜଣେ ମହିଳା ପୁତ୍ର ସନ୍ତାନର ଜନନୀ ହେବା ପରେ ମଧ ଅବିବାହିତ ଭତ୍ତା ପାଉଥିବା ଅଭିଯୋଗ ହୋଇଛି। ଏନେଇ ଗ୍ରାମର ୱାର୍ଡମେମ୍ବର ଛବି ସିଂଙ୍କ ସମେତ ଗ୍ରାମବାସୀ ବିଡିଓଙ୍କ ପାଖରେ ଅଭିଯୋଗ କରିଛନ୍ତି। ଉକ୍ତ ଗ୍ରାମର ଜଣେ ମହିଳା ଶାଶୁ ଘର ପରିବର୍ତ୍ତେ ବାପ ଘରେ ରହିଆସୁଛନ୍ତି। କିନ୍ତୁ ଏବେବି ସେ ଅବିବାହିତ ଭତ୍ତା ପାଉଥିବା ଅଭିଯୋଗ ହୋଇଛି। ପଞ୍ଚାୟତ ଅଧିକାରୀ ଏହାକୁ ତଦନ୍ତ ନ କରିବାରୁ ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଛି। ସଦର ବିଡିଓ ନରେନ୍ଦ୍ର ଖମାରୀ କହିଛନ୍ତି, ଅଭିଯୋଗ ମିଳିବା ପରେ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛି। ତେବେ ରିପୋର୍ଟ ମିଳିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି।

### କେନ୍ଦୁଝରରେ ହେବନି ସାର୍ବଜନୀନ ଗଣେଶପୂଜା

**କେନ୍ଦୁଝର, ୧୯।୮(ସ୍ୱ.ପ୍ର.):** କେନ୍ଦୁଝର ଜିଲାରେ ସାର୍ବଜନୀନ ସ୍ଥାନରେ ଗଣେଶ ପୂଜା ଉପରେ ଜିଲା ପ୍ରଶାସନ କଟକଣା ଲଗାଇଛନ୍ତି। କରୋନା ସଂକ୍ରମଣ ରୋକିବା ପାଇଁ ଜିଲାପାଳ ଆଶିଷ ଠାକରେ ଏଭଳି କଟକଣା ଲାଗୁ କରିଥିବା ଜଣାପଡିଛି। କେବଳ କୋଭିଡ ଆଇନ ପାଳନ କରି ମନ୍ଦିର ଓ ସ୍ଥାୟୀ ମଣ୍ଡପରେ ପୂଜା କରିବାକୁ ଅନୁମତି ଦିଆଯାଇଛି। ଶିକ୍ଷାନୁଷ୍ଠାନ, କ୍ଲବ ଆଦିରେ ମଧ ପୂଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଉପରେ କଟକଣା ଲାଗୁ କରାଯାଇଛି। ଫଳରେ ଚଳିତ ବର୍ଷ ଗଣେଶ ପୂଜା ହେବା ଆଶା ମଉଳି ଯାଇଥିବା ବେଳେ ଏହାକୁ ନେଇ ବିଶେଷ କରି ପିଲା ମାନଙ୍କ ମଧ୍ୟରେ ନୈରାଶ୍ୟ ଖେଳିଯାଇଛି।

# ପାନ ବିକୁଛନ୍ତି ଯାତ୍ରା କମେଡିଆନ୍

ଦେବେନ୍ଦ୍ର ଆନ୍ଦିଆ
ଭଣ୍ଡାରିପୋଖରୀ, ୧୯।୮

- ଦର୍ଶକଙ୍କୁ ହସାଇ ବେଦମ୍ କରୁଥିଲେ
- କରୋନା ବଦଳାଇ ଦେଲା ଜୀବିକା

କରୋନା ଛଡ଼ାଇ ନେଇଛି ଜୀବନ ଜୀବିକା। କାଲି ଯିଏ ମଞ୍ଚରେ ହସାଇ ଦର୍ଶକଙ୍କୁ ବେଦମ କରୁଥିଲେ, ସେ ଆଜି ରାଜପଥ ପାର୍ଶ୍ୱରେ ଚା' ପାନ ବିକ୍ରି କରି ପରିବାର ଚଳାଉଛନ୍ତି। ଏମିତି ଜଣେ ପ୍ରତିଷ୍ଠିତ ଯାତ୍ରା ହାସ୍ୟାଭିନେତା ହେଉଛନ୍ତି ପ୍ରଭାକର ସାହୁ(୫୨)। ପରିବାର କହିଲେ ପତି, ପତ୍ନୀ, ଦୁଇଝିଅ, ଗୋଟିଏ ପୁଅ। ବଡ଼ ଝିଅ ବିଭା ଦେଇଛନ୍ତି। ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଦକ୍ଷିଣବାଡ଼ ଗ୍ରାମରେ ତାଙ୍କ ଘର। କରୋନା ପାଇଁ ଯାତ୍ରା ବନ୍ଦ ରହିଥିବାରୁ ମାର୍ଚ୍ଚରୁ ଘରେ ବସିଛନ୍ତି। ଯାହା ପଇସା ଥିଲା ଘର ଖଣ୍ଡିଏ କରି ଦେଇଛନ୍ତି। ଆଉ ରୋଜଗାର ନାହିଁ। କେତେଦିନ ବସିବେ, କେମିତି ଚଳିବ ଭାବି ଭଣ୍ଡାରିପୋଖରୀ ୧୬ ନଂ. ଜାତୀୟ ରାଜପଥ ପାର୍ଶ୍ୱ ପାଳଦାବାଙ୍କଠାରେ ଗହ୍ମା ପୂର୍ଣ୍ଣିମାଠାରୁ ଏକ ଚା' ପାନ ଦୋକାନ ଖୋଲିଛନ୍ତି।



ଯାତ୍ରା କଳାକାର ପ୍ରଭାକର ସାହୁ।

ସେଥିରୁ ଯାହା ରୋଜଗାର ହେଉଛି ପରିବାର ଚଳୁଛି। ପ୍ରତ୍ୟେକ ଦିନ ୧୦୦ ରୁ ୧୫୦ ଟଙ୍କା ରୋଜଗାର ହେଉଛି। ସେଥିରେ ଆମ ପରିବାର ଚଳୁଛି। କ'ଣ କରିବା ଏ କରୋନା ସବୁ ଛଡ଼ାଇନେଲା ବୋଲି କୋହଭରା କଣ୍ଠରେ କହିଥିଲେ।

ପ୍ରଭାକର ୧୯୭୫ରେ ଯାତ୍ରା ଜଗତରେ ଯୋଗ ଦେଇଥିଲେ। ଷଷ୍ଠ ଶ୍ରେଣୀ ଯାଏ ପଢ଼ିଛନ୍ତି। ସେତେବେଳେ ଘରର ଆର୍ଥିକ ଅବସ୍ଥା ଭଲ ନ ଥିବାରୁ ଯାତ୍ରା ପାର୍ଟିରେ ଯୋଗ ଦେଇଥିଲେ। ପ୍ରଥମେ ଶିଶୁ କଳାକାର, ଡୁଏଟ୍, ଭାଉଲେନ ଓ ଅର୍ଗାନ୍ ବଜାଇଲେ। ହାସ୍ୟ ଅଭିନେତା ଭାବେ ୧୨ ବର୍ଷ ହେଲା ବେଶ ପରିଚିତ। ସ୍ୱପ୍ନ ମହଲ ଯାତ୍ରା ପାର୍ଟିରେ ବର୍ଷେ ହେଲା ଅଭିନୟ କରୁଥିଲେ। କରୋନା ପାଇଁ ପାର୍ଟି ଛାଡ଼ିଲେ। ପାର୍ଟି ଚାଲିଲେ ରାଜଧାନୀ ଅପେରା ଯିବା ପାଇଁ କଥା ହୋଇଛନ୍ତି।

ଦୁଃଖର କଥା ଜମିବାଡ଼ି କହିଲେ ଆଠଗୁଣ୍ଠ। ଯାତ୍ରାରୁ ଯାହା ରୋଜଗାର କରିଥିଲି ଘର ଦୁଇ ବଖରା କରିଦେଲି। ବ୍ଲକ ଯାଇ ନେହୁରା ହେଲି ରାଶନକାର୍ଡ଼ ଖଣ୍ଡେ କରିଦିଅ, କିନ୍ତୁ କେହି ଶୁଣିଲେନି। କହିଲେ ତୁମର କୋଠାଘର ତମେ ପାଇବ ନାହିଁ। କ'ଣ କରିବି ନିରୁପାୟ ହୋଇ ଚା, ପାନ ଦୋକାନ କରି ବସିଛି। ପୁଣି ଯାତ୍ରା ଚାଲିଲେ ରଙ୍ଗମଞ୍ଚକୁ ଚାଲିଯିବି ବୋଲି କହିଛନ୍ତି। ସରକାର ତାଙ୍କ ଭଳି କଳାକାରମାନଙ୍କୁ ସହାୟତା ଯୋଗାଇ ଦେବାକୁ ସେ ନିବେଦନ କରିଛନ୍ତି।

# ଦୁର୍ଘଟଣାରେ ୨ ବାଇକ୍ ଆରୋହୀ ମୃତ

ସୋର, ୧୯।୮(ଡି.ଏନ୍.ଏ.)

ବାଲେଶ୍ୱର ଜିଲା ସୋର ଥାନା ଅଧୀନ ଜାତୀୟ ରାଜପଥ ନାୟକ ବନ୍ଧ ଛକ ନିକଟରେ ବୁଧବାର ସନ୍ଧ୍ୟାରେ ଏକ ଅଜଣା ଗାଡ଼ି ଧକ୍କାରେ ୨ ବାଇକ୍ ଆରୋହୀଙ୍କର ମୃତ୍ୟୁ ଘଟିଛି। ଏହି ସମୟରେ ଉଭୟ ପଟେ ରାସ୍ତା ଅବରୋଧ ହୋଇଥିଲା। ସୋର ଆଇଆଇସି ମଧୁମିତା ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ଶବଦ୍ୱୟ ଜବତ କରି ସୋର ଡାକ୍ତରଖାନାକୁ ଆଣିବା ସହିତ ରାସ୍ତା ଅବରୋଧ ହଟାଇଥିଲେ। ବାହାନଗା ବ୍ଲକ ଆରୁହା ଗ୍ରାମର ସୁଦର୍ଶନ ମାହାନା(୪୫) ଏବଂ ତାଙ୍କ ଜଣେ ସମ୍ପର୍କୀୟ ଏକ ବୁଲେଟରେ ବିଦୁରୁ ସୋର ଆଡ଼କୁ ଆସୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ଅଜଣା ଗାଡ଼ି ତାଙ୍କ ଉପରେ ମାଡ଼ିଯିବାରୁ ଘଟଣାସ୍ଥଳରେ ସେମାନଙ୍କର ମୃତ୍ୟୁ ହୋଇଥିଲା।

# ଅଧ୍ୟକ୍ଷଙ୍କ ବିୟୋଗରେ ଶୋକ

ବାଲେଶ୍ୱର ଅଫିସ, ୧୯।୮

ବାଲେଶ୍ୱର ଫକୀରମୋହନ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ପର୍ଶୁରାମ ଜେନାଙ୍କର ବୁଧବାର ଅକାଳ ବିୟୋଗ ହୋଇଛି। ଚଳିତମାସ ୭ ତାରିଖରେ ଗଣଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ଅଧ୍ୟକ୍ଷମାନଙ୍କର ନାମଲେଖା ପ୍ରଶିକ୍ଷଣ ଶିବିର ବିଦ୍ୟାଳୟ ପରିସରରେ ଥିବା କମ୍ପ୍ୟୁଟର ରୁମ୍‌ରେ ଭର୍ଚୁଆଲ ବୈଠକ ଉପସ୍ଥିତ ଥିବା ବେଳେ ହଠାତ୍ ଅଚେତ୍ ହୋଇପଡ଼ିଥିଲେ। ବିଦ୍ୟାଳୟର ଅନ୍ୟ ପ୍ରାଧ୍ୟାପକମାନେ ସଙ୍ଗେ ସଙ୍ଗେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଯାଇଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ପରେ ଏକ ଘରୋଇ ହସ୍‌ପିଟାଲରେ ଚିକିତ୍ସା ହେଉଥିବା ବେଳେ ବୁଧବାର ତାଙ୍କର ମୃତ୍ୟୁ ଘଟିଛି। ଏହି ଖବର ପ୍ରଚାରିତ ହେବା ପରେ ବିଦ୍ୟାଳୟର ସମସ୍ତ କର୍ମଚାରୀ, ଛାତ୍ରୀଛାତ୍ର ଏବଂ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ନିର୍ଦ୍ଧାରିତ ସ୍ଥାନରେ ହେଉନି ନିର୍ମାଣ

ଧାମନଗର, ୧୯।୮(ଡି.ଏନ.ଏ.)

**କଲ୍ୟାଣ ମଣ୍ଡପ ନିର୍ମାଣ ବିବାଦ**

ଭଦ୍ରକ ଜିଲା ଧାମନଗର ବ୍ଲକରେ ବିଭିନ୍ନ କଲ୍ୟାଣ ମଣ୍ଡପ ନିର୍ମାଣ ନେଇ ବିବାଦ ଦେଖାଦେଇଛି। ଏଭଳି ଏକ ଉଦାହରଣ ଦେଖିବାକୁ ମିଳିଛି ଅର୍ଜୁନପୁର ପଞ୍ଚାୟତରେ। ଶଇଲୋ ବାସୁଦେବ ପୀଠ ନିକଟରେ ନିର୍ମାଣାଧୀନ କଲ୍ୟାଣ ମଣ୍ଡପ ନିର୍ଦ୍ଧାରିତ ସ୍ଥାନ ପରିବର୍ତ୍ତେ ଏକ ଭିନ୍ନ ସ୍ଥାନରେ ନିର୍ମାଣ ହେଉଥିବା ନେଇ ଶଇଲୋ ଗ୍ରାମର ପ୍ରଦୀପ କୁମାର ଲେଙ୍କା ବିଡିଓ, ଜିଲାପାଳ ଓ ପିଡି ଡିଆରଡିଏ ନିକଟରେ ଅଭିଯୋଗ କରିଛନ୍ତି।

ବାସୁଦେବଙ୍କ ପୀଠସ୍ଥଳୀ ନିକଟରେ ସ୍ଥାନୀୟ ଲୋକଙ୍କ ସୁବିଧାକୁ ଆଖି ଆଗରେ ରଖି ପଞ୍ଚାୟତସ୍ତରୀୟ କଲ୍ୟାଣମଣ୍ଡପ ନିର୍ମାଣ ପାଇଁ ସରକାରୀ ଅନୁଦାନ ଆସିଥିଲା। ଏଥିପାଇଁ ପୀଠକୁ ଲାଗି ଏକ ସରକାରୀ ଜମିକୁ ଚିହ୍ନଟ କରାଯାଇ ସ୍ଥାନୀୟ ଲୋକଙ୍କୁ ନେଇ ଶିଳାନ୍ୟାସ ହୋଇଥିଲା। କାର୍ଯ୍ୟ ଆରମ୍ଭ ହେବା ପରେ ଯେଉଁ ସ୍ଥାନ କଲ୍ୟାଣମଣ୍ଡପ ପାଇଁ ଦିଆଯାଇଥିଲା ସେ ସ୍ଥାନକୁ ଲାଗି ଅନ୍ୟ ଏକ ଭିନ୍ନ ଜାଗାରେ ନିର୍ମାଣ କାର୍ଯ୍ୟ ହେଉଥିବା ଜଣାପଡିବା ପରେ ଉକ୍ତ ସ୍ଥାନର ମାଲିକ ପ୍ରଦୀପ ଲେଙ୍କା ଘଟଣାସ୍ଥଳରେ ପହଞ୍ଚି ନିର୍ମାଣ କାର୍ଯ୍ୟକୁ ଅଟକାଇବାକୁ ଅନୁରୋଧ କରିଥିଲେ। ଏଥିସହ ଏହି କାର୍ଯ୍ୟର ଉପଯୁକ୍ତ ତଦନ୍ତ କରି ନିର୍ଦ୍ଧାରିତ ସ୍ଥାନରେ କଲ୍ୟାଣମଣ୍ଡପ ନିର୍ମାଣ କରାଯିବାକୁ ସେ ଜିଲାପାଳ ଏବଂ ପ୍ରକଳ୍ପ ଅଧିକାରୀଙ୍କଠାରେ ଦାବି କରିଛନ୍ତି। ଏନେଇ ବିଡିଓ ଦୁର୍ଗାଚରଣ ମୁର୍ମୁ କହିଛନ୍ତି ଯେ, ଅଭିଯୋଗ ପାଇଛି। ତୁରନ୍ତ ଜମିକୁ ମାପଚୁପ କରାଯାଇ ପଦକ୍ଷେ ନିଆଯିବ।

## ସୁନେଶ ଧୀର କେନ୍ଦୁଝର ଜିଲା ଯୁବ କଂଗ୍ରେସ ସଭାପତି

କେନ୍ଦୁଝର, ୧୯।୮(ଡି.ଏନ.ଏ./ସ୍ୱ.ପ୍ର.)

ବରିଷ୍ଠ ଛାତ୍ର ନେତା ତଥା ଜିଲା ଛାତ୍ର କଂଗ୍ରେସ ସଭାପତି ସୁନେଶ କୁମାର ଧୀରଙ୍କୁ କେନ୍ଦୁଝର ଜିଲା ଯୁବ କଂଗ୍ରେସ କମିଟିର ନୂତନ ସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ବୁଧବାର ଏକ ପ୍ରେସରେ ଓଡିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡଃ ସ୍ମୃତିରଞ୍ଜନ ଲେଙ୍କା ବିଭିନ୍ନ ଜିଲା ଯୁବ କଂଗ୍ରେସ ସଭାପତି ମାନଙ୍କ ନାମ ଘୋଷଣା କରିଛନ୍ତି। ସୁନେଶ ଧୀରଙ୍କ ନିଯୁକ୍ତିକୁ ନେଇ ମନ୍ତ୍ରୀ ତଥା ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ବରିଷ୍ଠ କଂଗ୍ରେସ ନେତା ନବଜ୍ୟୋତି ପଟ୍ଟନାୟକ, ପୂର୍ବତନ ପ୍ରଦେଶ ଯୁବ କଂଗ୍ରେସ ସଭାପତି ସଂଗ୍ରାମ କେଶରୀ ଜେନା, ଭାରତୀୟ ଯୁବ କଂଗ୍ରେସ ସଭାପତି ଶ୍ରୀନିବାସ ବିଭି ପ୍ରମୁଖ ସ୍ମୃତିରଞ୍ଜନ ଲେଙ୍କାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ମୌଳିକ ସୁବିଧାରୁ ବଞ୍ଚିତ ଖଇରଣ୍ଡା ସାହିବାସୀ

ପାଟଣା, ୧୯।୮(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ ବଣ ଜଙ୍ଗଲ ଘେରା ଉପାନ୍ତ ଅଞ୍ଚଳ ପଲାଶଘାଟି ପଞ୍ଚାୟତ କୁମୁଳାବାହାଲି ଗ୍ରାମର ଖଇରଣ୍ଡା ସାହିରେ ମୌଳିକ ସୁବିଧା ଅପହଞ୍ଚ ହୋଇପଡ଼ିଛି। ବିଭିନ୍ନ ଜାତିର ୪୩ପରିବାରର ୨ଶହରୁ ଉର୍ଦ୍ଧ୍ୱ ଅଧିବାସୀ ଏଠାରେ ବସବାସ କରନ୍ତି। ସ୍ୱାଧୀନତାର ୭୩ବର୍ଷ ପରେ ମଧ ଏହି ଗାଁକୁ ପ୍ରଶାସନିକ ଅଧିକାରୀଙ୍କ ଶୁଭ ଦୃଷ୍ଟି ପଡ଼ିନାହିଁ। ସାହିକୁ ଭଲ ରାସ୍ତା ଖଣ୍ଡେ ନାହିଁ। ଗାଁ କୁ ଯିବାକୁ ହେଲେ ଖାଲ ଢ଼ିପ ପାଣି କାଦୁଅ ଭରା ରାସ୍ତାରେ ଯିବାକୁ ପଡୁଛି। ସାହି ଭିତରକୁ ଆମ୍ବୁଲାନ୍ସଟିଏ ଯାଇ ପାରୁନାହିଁ। ପିଇବା ପାଇଁ ଭଲ ପାଣି ମୁନ୍ଦାଏ ମଧ ଉପଲବ୍ଧ ହେଉନାହିଁ। ଗାଁରେ ସରକାରଙ୍କ ତରଫରୁ ୨ଗୋଟି ନଳକୂପ ଖନନ କରାଯାଇଥିଲେ ହେଁ ଭୂତଳ ଜଳସ୍ତର ଉଚ୍ଚ ଆବଶ୍ୟକ ଅନୁଯାୟୀ ନ ଥିବାରୁ ଆଉ ହୁଡ଼ି ତଳେ ପଥୁରିଆ ଚଟାଣ ଉପରେ ଗାଁ ଅବସ୍ଥିତ ଥିବାରୁ ନଳକୂପ ୨ଟିରୁ ଯଥେଷ୍ଟ ପରିମାଣ ପାଣି ବାହାରୁ ନାହିଁ। ଗାଁ ଲୋକେ ଆବହମାନ କାଳରୁ ବିଲ ମଝିରେ ଥିବା ଏକ ଅସ୍ୱାସ୍ଥ୍ୟକର ଚୁଆ ପାଣି ଉପରେ ନିର୍ଭର କରି ଚଳୁଛନ୍ତି। ଏହି ଗାଁର ପାଣି ଆଉ ରାସ୍ତା ସମସ୍ୟାର ସମାଧାନ ପାଇଁ ସ୍ଥାନୀୟବାସୀ ଦାବି କରି ଆସୁଥିଲେ ହେଁ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ।

# ପଲିଥିନ ତଳେ ବର୍ଷ ପରେ ବର୍ଷ

ଢେଙ୍କିକୋଟ, ୧୯।୮( ଡି.ଏନ.ଏ.)

କେନ୍ଦୁଝର ଜିଲା ଘଟଗାଁ ବ୍ଲକ ବଡମସିଣା ବିଲା ପଞ୍ଚାୟତ ସନାନୁଗାଓଁ ଗ୍ରାମରେ ଦୀର୍ଘ ବର୍ଷ ଧରି ରହି ଆସୁଛନ୍ତି ନିରୀହ ଗରିବ ଆଦିବାସୀ ଭଦ୍ର ନାୟକଙ୍କ ପରିବାର। ଦୀର୍ଘ ବର୍ଷ ହେବ ଭୋଟ ଦେଇ ଆସୁଥିବା ବେଳେ ସେମାନଙ୍କର ଭୋଟର ପରିଚୟପତ୍ର ଆଧାରକାର୍ଡ ସମେତ ସ୍ଥାୟୀ ବାସିନ୍ଦା ପ୍ରମାଣ ପତ୍ର ନୂଆଗାଁରେ ଅଛି। ମାତ୍ର ନୂଆଗାଁ ଗ୍ରାମରେ ଧନିଶାଳୀ ବ୍ୟକ୍ତିଙ୍କ ନାମରେ ତାଙ୍କ ପୁଅ ମାନଙ୍କ ନାମରେ ଘର ନିର୍ମାଣ କରି ରହି ଆସୁଥିବା ବେଳେ ଏହି ଆଦିବାସୀ ଭୂମି ଜନଜାତି ପରିବାର ଲୋକ ମାନଙ୍କ ଦୁଃଖ ଦୁର୍ଦ୍ଦଶା କଥା ବୁଝିବା ପାଇଁ କେହି ନାହାନ୍ତି। ପଲିଥିନ ତଳେ ପ୍ରବଳ ବର୍ଷାରେ ଜୀବନ ଅତି କଷ୍ଟରେ ଅତିବାହିତ କରୁଛନ୍ତି। ଏହି ଭୂମିଜ ବସ୍ତିରେ ଥିବା ଗରିବ ନିରୀହ ଲୋକ ମାନେ ସମସ୍ତେ ଦିନ ମଜୁରିଆ ଅଟନ୍ତି ପରର ମୂଲ ନଲାଗିଲେ



ଭଙ୍ଗା ଘର ଆଗରେ ଭଦ୍ର ନାୟକ।

ଦିଓଳି ଖାଇବାକୁ ମିଳେନାହିଁ ବୋଲି ସେମାନେ କହିଛନ୍ତି। ଏଣେ ତାଙ୍କ ଆଧାର କାର୍ଡ ଓ ଭୋଟର କାର୍ଡରେ ବୟସ କଟାଇ ଦିଆଯାଇଥିବା ବେଳେ ପ୍ରକୃତ ବୟସ ୬୦ ରୁ ଉର୍ଦ୍ଧ୍ୱ ହେବ ବୋଲି ସେମାନେ କହିଛନ୍ତି। ଅଧିକ ବୟସ ହୋଇଥିଲେ ହେଁ ଆଧାର କାର୍ଡ ପାଇଁ ସେମାନେ ବାର୍ଦ୍ଧକ୍ୟ ଭତ୍ତାରୁ ମଧ ବଞ୍ଚିତ ହୋଇଛନ୍ତି। ତେବେ ବର୍ଷା ଦିନରେ ପଲିଥିନ ତଳେ ଜୀବନ ବିତାଉଥିବା ବେଳେ ପରିବାରଙ୍କୁ ବିଜୁ ପକା ଘର କିମ୍ବା ଇନ୍ଦିରା ଆବାସ ଯୋଜନା ଅନ୍ତର୍ଭୁକ୍ତ କରି ଘରଟିଏ ଦେବା ପାଇଁ ସେ ନିବେଦନ କରିଛନ୍ତି।

## ବାଲିମେଦ ପଞ୍ଚାୟତ ୩ଦିନ ଶଟ୍‌ଡାଉନ

ପଦ୍ମପୁର, ୧୯।୮(ଡି.ଏନ.ଏ.)

ବାସୁଦେବପୁର ବ୍ଲକ ଅଧୀନ ବାଲିମେଦ ପଞ୍ଚାୟତର ୬ ଜଣ କରୋନା ପଜିଟିଭ ଚିହ୍ନଟ ପରେ ଗୁରୁବାର ସକାଳ ୬ଟାରୁ ଶନିବାର ସକାଳ ୬ଟା ପର୍ଯ୍ୟନ୍ତ ଶଟ୍‌ଡାଉନ ଘୋଷଣା କରାଯାଇଛି। ବାଲିମେଦ ମେଡିକାଲ ଛକ, ହାଇସ୍କୁଲ ଛକ, ତ୍ରିନାଥ ବଜାର ସହ ପ୍ରମୁଖ ଛକଗୁଡ଼ିକ ବନ୍ଦ ରହିବ ବୋଲି ସରପଞ୍ଚ ପ୍ରଫୁଲ୍ଲ କୁମାର ପଳିତା ଘୋଷଣା କରିଛନ୍ତି।

# କୋଚିଂ ଏକାଡେମୀ ପାଇଁ ଜେଏସ୍‌ପିଏଲ୍‌ର ଯୋଜନା




ଉଦ୍‌ବୋଧନ ଦେଉଛନ୍ତି ଜେଏସ୍‌ପିଏଲ୍ ଅଧିକାରୀ।

ଅନୁଗୋଳ ଅଫିସ, ୧୯।୮

ଅନୁଗୋଳ ଜେଏସ୍‌ପିଏଲ୍ ପରିସରସ୍ଥିତ ଓ.ପି. ଜିନ୍ଦଲ ସ୍କୁଲ ଠାରେ ୭୪ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଜେଏସ୍‌ପିଏଲ୍ ପରିଚାଳନା ନିର୍ଦ୍ଦେଶକ ଭି.ଆର. ଶର୍ମାଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ପ୍ଲାଣ୍ଟର ମୁଖ୍ୟ ଦାମୋଦର ମିତ୍ତଲ ଓ ବିଭିନ୍ନ ବିଭାଗୀୟ ମୁଖ୍ୟଙ୍କ ସହ ଅନ୍ୟ ଅତିଥିମାନେ ଯୋଗଦେଇଥିଲେ। ଏହି ଅବସରରେ ପରିଚାଳନା ନିର୍ଦ୍ଦେଶକ ଶର୍ମା ଜେଏସ୍‌ପିଏଲ୍ ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କ ବାର୍ତ୍ତା ପଢି ଶୁଣାଇଥିଲେ। ଜେଏସ୍‌ପିଏଲ୍ ବର୍ତ୍ତମାନ ବହୁବିଧ ସମାଜ ମଙ୍ଗଳ କାର୍ଯ୍ୟ କରିବା ପାଇଁ ଯୋଜନା କରିଥିବା ଅଧ୍ୟକ୍ଷ ତାଙ୍କ ବାର୍ତ୍ତାରେ ଉଲ୍ଲେଖ କରିଥିବା ସେ କହିଥିଲେ। ଏଥିସହ ଜିନ୍ଦଲଙ୍କ ପୁତ୍ର ଭେଙ୍କଟେଶ ଜିନ୍ଦଲଙ୍କୁ ସମସ୍ତ ସହଯୋଗ ପ୍ରଦାନ ପାଇଁ ଆହ୍ୱାନ କରିବା ସହ ଆଗାମୀ ଦିନରେ ଭେଙ୍କଟେଶ ଜିନ୍ଦଲ ଜେଏସ୍‌ପିଏଲ୍‌କୁ ସଫଳତାର ନୂତନ ଶିଖରରେ ପହଞ୍ଚାଇବେ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ସ୍ଥାନୀୟ ଯୁବ ପ୍ରତିଭାମାନେ ଯେପରି ଆଗାମୀ ଦିନରେ ସିଭିଲ୍ ସର୍ଭିସ ପ୍ରତିଯୋଗିତାମୂଳକ ପରୀକ୍ଷାରେ ସଫଳତା ହାସଲ କରିବେ ସେ ନେଇ ଏକ ଏକାଡେମୀ ମାଧ୍ୟମରେ କୋଚିଂ ଦେବାକୁ ଜେଏସ୍‌ପିଏଲ୍ ଯୋଜନା କରୁଥିବା ପରିଚାଳନା ନିର୍ଦ୍ଦେଶକ ଶର୍ମା କହିଥିଲେ।

## 'ନିଶା ବିରୋଧୀ ଆନ୍ଦୋଳନରେ ମହିଳାଙ୍କ ସହଯୋଗ ଆବଶ୍ୟକ'

ବାଲେଶ୍ୱର ଅଫିସ, ୧୯।୮

ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ବାଲେଶ୍ୱର ଶାଖା ପକ୍ଷରୁ ନେଳିଆବାଗସ୍ଥିତ କାର୍ଯ୍ୟାଳୟରେ ବୁଧବାର ଏକ ସମ୍ବର୍ଦ୍ଧନା ସଭା ଭର୍ଚୁଆଲ ମୋଡ଼ରେ ନେଳିଆବାଗସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଆଇନଜୀବୀ ପ୍ରଭାକର ସାହୁଙ୍କ ଅଧ୍ୟକ୍ଷତା କରିଥିବା ବେଳେ ନିଶା ବିରୋଧରେ ଲଢ଼େଇ କରୁଥିବା ଅବକାରୀ ଅଧୀକ୍ଷକ ବିବେକାନନ୍ଦ ନାୟକ ଓ ଟାଉନ ଥାନା ଅଧିକାରୀ ଶୁଭ୍ରାଂଶୁ ଶେଖର ନାୟକଙ୍କୁ ଉପଦେଷ୍ଟା ସୁବ୍ରତ କର ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ଉଭୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସାଧାରଣ ସମ୍ପାଦିକା ମମତା ମହାପାତ୍ର ଉପସ୍ଥାପନା କରିଥିଲେ। ସମ୍ବର୍ଦ୍ଧିତ ଅତିଥିମାନେ ନିଶା ବିରୋଧୀ ଆନ୍ଦୋଳନରେ ମହିଳାଙ୍କ ସହଯୋଗ ଆବଶ୍ୟକ ବୋଲି ବକ୍ତବ୍ୟ ରଖିଥିଲେ। ଡ. କେଶବ ଚରଣ ପଣ୍ଡା, କୁମୁଦ ରଞ୍ଜନ ଗିରି, ଡ. କ୍ଷିତୀଶ୍ୱର ଦାଶ, ଯୋଗେଶ ଚନ୍ଦ୍ର ପ୍ରଧାନ, ପ୍ରଫୁଲ୍ଲ କୁମାର ଦାସ, ଗୀତାଞ୍ଜଳି ସିଂହ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଯୁକ୍ତ ୨ ବାଣିଜ୍ୟ : ପାସ୍ ହାର ୫୫.୨%

ଅନୁଗୋଳ ଅଫିସ୍, ୧୯।୮

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଆୟୋଜିତ ଯୁକ୍ତ ୨ ବାଣିଜ୍ୟର ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ଏଥିରେ ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପାସ ହାର ୫୫.୨ ପ୍ରତିଶତ ଥିବା କଲେଜ ସୂତ୍ରରୁ ସୂଚନା ମିଳିଛି। ମହାବିଦ୍ୟାଳୟର ଆଶୁତୋଷ ସାହୁ ୫୧୮ ନମ୍ବର ରଖି ପ୍ରଥମ ହୋଇଛନ୍ତି। ରାଗିନୀ ସକ୍‌ସେନା ୫୧୨ ନମ୍ବର ରଖି ଦ୍ୱିତୀୟ ଓ ଅଶ୍ୱଜିତ ମିଶ୍ର ୪୯୭ ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ରେଗୁଲାର୍‌ରେ ୨୦୯ ଜଣ ପରୀକ୍ଷା ଦେଇଥିବାବେଳେ ପ୍ରଥମ ଶ୍ରେଣୀରେ ୩୩, ଦ୍ୱିତୀୟ ଶ୍ରେଣୀରେ ୨୨ ଓ ତୃତୀୟ ଶ୍ରେଣୀରେ ୬୦ ଜଣ କୃତକାର୍ଯ୍ୟ ହୋଇଛନ୍ତି। ୯୪ ଜଣ ଫେଲ୍ ହୋଇଥିବା ଜଣାପଡ଼ିଛି। ସେହିପରି ଏକ୍ସ-ରେଗୁଲାର୍‌ରେ ୨୬ ଜଣ ପରୀକ୍ଷା ଦେଇଥିବାବେଳେ ୯ ଜଣ ତୃତୀୟ ଶ୍ରେଣୀରେ ପାସ୍ ହୋଇଛନ୍ତି। ୧୩ ଜଣ ଫେଲ୍ ହୋଇଛନ୍ତି। ୩ ଜଣଙ୍କ ରେଜଲ୍ଟ କମ୍ପ୍ଲିମେଣ୍ଟାରି ଓ ଜଣେ ପରୀକ୍ଷାରେ ଅସାଧୁ ଉପାୟ ଅବଲମ୍ବନ କରି ଧରାପଡ଼ିଥିବାରୁ ପରୀକ୍ଷା ଫଳ ବାହାରିନାହିଁ।

### 'ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ହେବି'



ଅନୁଗୋଳ କଲେଜ ଯୁକ୍ତ ୨ ବାଣିଜ୍ୟରେ ସର୍ବାଧିକ ନମ୍ବର ରଖିଥିବା ଆଶୁତୋଷ ସାହୁ ଭବିଷ୍ୟତରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ହେବାକୁ ଇଚ୍ଛା ରଖିଥିବା କହିଛନ୍ତି। ତାଙ୍କ ଘର ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ଖଜୁରିଆମୁଣ୍ଡା ହୋଇଥିବାବେଳେ ଅନୁଗୋଳର ଶିମିଳାପଡାରେ ରହୁଛନ୍ତି। ବାପା ଯୁଗଳ କିଶୋର ସାହୁ ବ୍ୟବସାୟୀ ହୋଇଥିବାବେଳେ ମା' ମମତା ସାହୁ ଗୃହିଣୀ। ଦିନକୁ ସେ ୫ ଘଣ୍ଟା ପାଠପଢା ପାଇଁ ଦେଉଥିଲେ ବୋଲି ଆଶୁତୋଷ ପ୍ରକାଶ କରିଛନ୍ତି।

### '୮ ଘଣ୍ଟା ପରିଶ୍ରମ କରୁଥିଲି'



ବାଣିଜ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ରାଗିନୀ ସକ୍‌ସେନା କୁହନ୍ତି, ଦିନକୁ ସେ ୭ରୁ ୮ ଘଣ୍ଟା ପରିଶ୍ରମ କରୁଥିଲେ। ବ୍ୟାଙ୍କିଙ୍ଗ ସେକ୍ଟରରେ କାମ କରିବାକୁ ସେ ଇଚ୍ଛା ରଖିଛନ୍ତି। ତାଙ୍କ ଘର ଉତ୍ତରପ୍ରଦେଶର ଗୋରଖପୁରରେ ହୋଇଥିବାବେଳେ ଅନୁଗୋଳ ଗୀତାଗ୍ରାମରେ ରହୁଛନ୍ତି। ବାପା ଅଜୟ କୁମାର ସକ୍‌ସେନା ଏକ ଶିଳ୍ପ ସଂସ୍ଥାରେ କାମ କରୁଥିବାବେଳେ ମା' ମୀରା ସକ୍‌ସେନା ଗୃହିଣୀ। ମା' ବାପାଙ୍କ ସହ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସେ ଶ୍ରେୟ ଦେଇଛନ୍ତି।

### 'ଅଧିକ ଆଶା କରିଥିଲି'



ଯୁକ୍ତ ୨ ବାଣିଜ୍ୟ ପରୀକ୍ଷାରେ ଆଶା ଅନୁଯାୟୀ ନମ୍ବର ରଖିପାରି ନାହିଁ। ଏହା କହିଛନ୍ତି ଅନୁଗୋଳ ସରକାରୀ ସ୍ୱୟଂଶାସିତ କଲେଜରେ ତୃତୀୟ ସ୍ଥାନ ଅଧିକାର କରିଥିବା ଅଶ୍ୱଜିତ୍ ମିଶ୍ର। ଇଂରାଜୀରେ ତାଙ୍କର ନମ୍ବର କମିଯିବାରୁ ୫ ଶହ ମାର୍କ ଟପି ପାରି ନ ଥିବା ସେ ପ୍ରକାଶ କରିଛନ୍ତି। ତେବେ ଏହି ସଫଳତାର ଶ୍ରେୟ ସେ ବାପା ଅନିଲ କୁମାର ମିଶ୍ର, ମା' ଅଳକା ମିଶ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଦେଇଥିବା ଅଶ୍ୱଜିତ୍ ପ୍ରକାଶ କରିଛନ୍ତି।

# କୃଷ୍ଣଚନ୍ଦ୍ର, ସୁଜାତା କଲେଜ ଟପ୍ପର

ଢେଙ୍କାନାଳ ଅଫିସ, ୧୯।୮

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପକ୍ଷରୁ ବୁଧବାର ପ୍ରକାଶ ପାଇଛି ଯୁକ୍ତ ୨ ବାଣିଜ୍ୟ ପରୀକ୍ଷା ଫଳ। ଢେଙ୍କାନାଳ ଜୁନିୟର କଲେଜରେ ପାସ ହାର ୯୭.୫% ହୋଇଛି। କୃଷ୍ଣଚନ୍ଦ୍ର ରାଉଳ ୫୩୯ ମାର୍କ ରଖି କଲେଜ ଟପ୍ପର ହୋଇଛନ୍ତି। ଉତ୍କର୍ଷ ତ୍ରିପାଠୀ (୫୩୩), ବିଶ୍ୱପ୍ରିୟା ନାୟକ (୫୨୬) ମାର୍କ ସହ ଯଥାକ୍ରମେ ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଜୁନିୟର କଲେଜର ୨ ଏକ୍ସରେଗୁଲାର ପିଲାଙ୍କ ସମେତ ମୋଟ୍ ୧୨୨ଜଣ ପରୀକ୍ଷା ଦେଇଥିଲେ। ତନ୍ମଧ୍ୟରୁ ୭୨ଜଣ ପ୍ରଥମ, ୨୪ଜଣ ଦ୍ୱିତୀୟ ଏବଂ ୨୨ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରିନ୍ସିପାଲ ଡ. ଚତୁର୍ଭୁଜ ପତି ସୂଚନା ଦେଇଛନ୍ତି।

ସେହିପରି ମହିଳା ଜୁନିୟର କଲେଜର ୮୯.୧୬% ରେଜଲ୍ଟ ହୋଇଛି। ସୁଜାତା ପ୍ରିୟଦର୍ଶିନୀ ପଣ୍ଡା ୫୩୫ ରଖି କଲେଜ ଟପ୍ପର ହୋଇଛନ୍ତି। ଚଳିତବର୍ଷ ୧୯ ଜଣ ଛାତ୍ରୀ ପରୀକ୍ଷା ଦେଇଥିଲେ। ୧୦ଜଣ ପ୍ରଥମ, ୫ଜଣ ଦ୍ୱିତୀୟ ଶ୍ରେଣୀ ଏବଂ ୨ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି।

